ମଦନଗୋପାଳ

ବନାମ

ପି. କେ. ଏ. ରାମଚନ୍ଦ୍ର ମୁଦାଲିୟାର୍ (ମୃତ)

ଆଇନଗତ ପ୍ରତିନିଧିଙ୍କ ଜରିଆରେ ଏବଂ ଅନ୍ୟମାନେ

ଏପ୍ରିଲ 18,1995

[କେ. ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ ]

*ହିନ୍ଦୁ ଆଇନ :ଯୌଥ ପାରିବାରିକ ସମ୍ପତ୍ତି- ଦାବି କରାଯାଇଛି ଯେ ସମ୍ପତ୍ତିଗୁଡ଼ିକ ଯୌଥ ପରିବାର ସମ୍ପତ୍ତି ନୁହେଁ ଏବଂ ଭାଇମାନେ ସ୍ୱାଧୀନ ବ୍ୟବସାୟ କରୁଥିଲେ-ଆପୋଷ ସମାଧାନ ହେଲା- ଦୀର୍ଘ ସମୟ ପରେ ବିଭାଜନ ପାଇଁ ଦାବି କରୁଥିବା ଭାଇମାନଙ୍କ ମଧ୍ୟରୁ ଜଣଙ୍କର ପୁଅ- ନିର୍ଣ୍ଣୟ ହେଲା : ହକଦାର ନୁହନ୍ତି* ।

ଆବେଦନକାରୀଙ୍କ ପିତା J, ଏବଂ Jଙ୍କ ଭାଇ R ଏବଂ S ସାଧାରଣ ପୂର୍ବପୁରୁଷ Aଙ୍କ ବଂଶଧର । S ତାଙ୍କ ଭାଇଙ୍କ ବିରୁଦ୍ଧରେ ମିଳିତ ପରିବାର ସମ୍ପତ୍ତିର ଅଂଶ ବିଭାଜନ ପାଇଁ ଏକ ମକଦ୍ଦମା ଦାୟର କରିଥିଲେ, ଯିଏ ତାଙ୍କ ଲିଖିତ ବୟାନରେ ଯୁକ୍ତି କରିଥିଲେ ଯେ ସେମାନେ ମିଳିତ ପରିବାରର ସଦସ୍ୟ ନୁହଁନ୍ତି ଏବଂ ସମ୍ପତ୍ତିଗୁଡ଼ିକ ମିଳିତ ପରିବାରର ନୁହେଁ । ତଥାପି, ଏକ ଆପୋଷ ସମାଧାନ ହେଲା ଏବଂ S 1350 ଟଙ୍କା ପାଇ ସେଠାରୁ ଚାଲିଯାଇଥିଲେ ।

ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କ ପିତାମାତାଙ୍କ ମଧ୍ୟରେ ମତଭେଦ ହେଲା ଏବଂ ଆବେଦନକାରୀ ଏବଂ ତାଙ୍କ ଭଉଣୀ ତାଙ୍କ ମାଆଙ୍କ ସହିତ ରହିବାକୁ ଲାଗିଲେ । ଆବେଦନକାରୀ ବିଭାଜନ ପାଇଁ ଏକ ମକଦ୍ଦମା ଦାୟର କଲେ ଏବଂ ଏହି ଆଳରେ ସମ୍ପତ୍ତିର 1/4 ଅଂଶ ଦାବି କଲେ ଯେ ସେଗୁଡ଼ିକ ମିଳିତ ପରିବାର ସମ୍ପତ୍ତି । ତାଙ୍କ ଦାଦା R ନିଷେଧାଦେଶ ପାଇଁ ଏକ ମକଦ୍ଦମା ଦାୟର କଲେ । ବିଚାରଣ ନ୍ୟାୟାଳୟ ଆବେଦନକାରୀଙ୍କ ମକଦ୍ଦମାକୁ ବିଚାରାଦେଶ କଲେ ଏବଂ R ଦ୍ୱାରା ଦାୟର କରାଯାଇଥିବା ମକଦ୍ଦମାକୁ ଖାରଜ କଲେ । R ଦ୍ୱାରା ଆବେଦନ ଉପରେ, ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ବିଚାରଣ ନ୍ୟାୟାଳୟର ଆଦେଶକୁ ଓଲଟାଇ ଦେଇଥିଲେ । ତେଣୁ ଏହି ଆବେଦନଗୁଡ଼ିକ ।

ଏହି ନ୍ୟାୟାଳୟ ଆବେଦନଗୁଡିକୁ ଖାରଜ କରି,

ନିର୍ଣ୍ଣୟ କରିଥିଲେ 1. ଏପରିକି ଆବେଦନକାରୀଙ୍କ ଜନ୍ମ ପୂର୍ବରୁ ମଧ୍ୟ, କିଛି ସମ୍ପତ୍ତି ଯୌଥ ପରିବାରର ନୁହେଁ ବୋଲି ଆବେଦନକାରୀଙ୍କ ପିତା ଏବଂ ଦାଦାଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା । ଏହା ବିଶ୍ୱାସ କରିବା ଅତ୍ୟନ୍ତ କଷ୍ଟ ଯେ ଆବେଦନକାରୀ କିମ୍ବା ଆବେଦନକାରୀଙ୍କ ଅନ୍ୟ ଦାଦାଙ୍କ ଅଧିକାରକୁ ବିଫଳ କରିବା ପାଇଁ ଏହି ଆପତ୍ତି ଉଠାଯାଇଥିଲା ।[449- D]

2. ତଥାପି, ମକଦ୍ଦମା ସମ୍ପତ୍ତିର ବିଷୟ 3 ଏବଂ 4 ଉଚ୍ଚ ନ୍ୟାୟାଳୟ ଦ୍ୱାରା ଯୌଥ ପରିବାରର ବୋଲି ଜଣାପଡିଛି । ଆବେଦନକାରୀ ବିଚାରଣ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଅଂଶ ପାଇବାକୁ ହକଦାର ହେବେ । ଏହି ନିଷେଧାଦେଶ ସେହି ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ହୁଏ ନାହିଁ । [449- E]

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2134-35/1979 ।

ଆବେଦନ ସଂଖ୍ୟା 626/70 & 616/1973ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 10.1.78 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ କେ. କେ. ମଣି ।

ଉତ୍ତରଦାତାମାନଙ୍କ ପକ୍ଷରୁ ଏମ୍. ରଘୁରାମନ (N.P.) ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଆବେଦନଗୁଡ଼ିକ ବିଶେଷ ଅନୁମତି ଦ୍ୱାରା ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠର 10 ଜାନୁଆରୀ 1978 ତାରିଖରେ ହୋଇଥିବା ଆବେଦନ ସଂଖ୍ୟା 626/70 ଏବଂ 616/73 ରେ ସାଧାରଣ ରାୟରୁ ଉତ୍ପନ୍ନ ହୋଇଛି । ଆବେଦନକାରୀ ଜୟରାମ ମୁଦାଲିଆରଙ୍କ ପୁଅ । ତାଙ୍କ ଜେଜେବାପା ଅରୁଣାଚଳ ମୁଦାଲିଆର ହେଉଛନ୍ତି ସାଧାରଣ ପୂର୍ବପୁରୁଷ, ରାମଚନ୍ଦ୍ର ମୁଦାଲିଆର, ଆବେଦନକାରୀଙ୍କ ପିତା ଜୟରାମ ଏବଂ ତାଙ୍କ ଦାଦା ଶାନମୁଗା ମୁଦାଲିଆର ଅରୁଣାଚଳ ମୁଦାଲିଆରଙ୍କ ପୁଅ । ନିଃସନ୍ଦେହ ସେମାନେ ବାଣିଜ୍ୟ କରୁଥିବା ପରିବାରର ସଦସ୍ୟ । କିନ୍ତୁ 1947 ମସିହାର ପ୍ରଥମ ଭାଗରେ, ଭାଇମାନଙ୍କ ମଧ୍ୟରୁ ଜଣେ ଶାନମୁଗା ମୁଦାଲିଆର ରାମଚନ୍ଦ୍ର ମୁଦାଲିଆର ଏବଂ ଜୟରାମ ମୁଦାଲିଆରଙ୍କ ବିରୁଦ୍ଧରେ ଯୌଥ ପରିବାର ସମ୍ପତ୍ତିରେ ଅଂଶ ବିଭାଜନ ପାଇଁ ଏକ ମକଦ୍ଦମା (O.S. ସଂଖ୍ୟା 118/47) ଦାୟର କରିଥିଲେ । ସେଠାରେ, ରାମଚନ୍ଦ୍ର ମୁଦାଲିଆର ଏବଂ ଜୟରାମ ମୁଦାଲିୟାର, ଯିଏକି ଆବେଦନକାରୀଙ୍କ ପିତା ଥିଲେ, ଲିଖିତ ବୟାନ ଦାଖଲ କରି କହିଥିଲେ ଯେ ସେମାନେ ଯୌଥ ପରିବାରର ସଦସ୍ୟ ନୁହଁନ୍ତି ଏବଂ ସେହି ମକଦ୍ଦମାରେ ଉଲ୍ଲେଖିତ ସମ୍ପତ୍ତିଗୁଡ଼ିକ ଯୌଥ ପରିବାରର ନୁହେଁ । ତଥାପି, ସେମାନଙ୍କ ମଧ୍ୟରେ ଏକ ଆପୋଷ ସମାଧାନରେ, ଶନମୁଗା ମୁଦାଲିୟାର 1,350 ଟଙ୍କା ପାଇଥିଲେ ଏବଂ ସେଠାରୁ ଚାଲିଯାଇଥିଲେ ।

1953 ମସିହାରେ ଆବେଦନକାରୀଙ୍କ ମାତା ରାଧା ଅମ୍ମାଲ ଏବଂ ଜୟରାମ ମୁଦାଲିଆରଙ୍କ ମଧ୍ୟରେ ମତଭେଦ ହୋଇଥିଲା ଏବଂ ଆବେଦନକାରୀ ଏବଂ ତାଙ୍କ ଭଉଣୀ ସେମାନଙ୍କ ମାଆଙ୍କ ସହ ରହିବାକୁ ଲାଗିଲେ । 1965 ମସିହାରେ, ଆବେଦନକାରୀ ସମ୍ପତ୍ତିର ବିଭାଜନ ଏବଂ ଏହି ଆବେଦନ ଉପରେ 1/4 ଅଂଶ ଆବଣ୍ଟନ ପାଇଁ ଏକ ମକଦ୍ଦମା (OS 106/65) ଦାୟର କରିଥିଲେ ଯେ

ଅଭିଯୋଗପତ୍ରରେ ଉଲ୍ଲେଖିତ ସମ୍ପତ୍ତିଗୁଡ଼ିକ ଯୌଥ ପରିବାର ସମ୍ପତ୍ତିର ଏବଂ ସେ ସେଥିରେ 1/4 ଅଂଶ ପାଇବାକୁ ହକଦାର । ତାଙ୍କ ଦାଦା ରାମଚନ୍ଦ୍ର ମୁଦାଲିଆର ନିଷିଦ୍ଧାଦେଶ ପାଇଁ ଆଉ ଏକ ମକଦ୍ଦମା (OS ସଂଖ୍ୟା 96/64) ଦାୟର କରିଥିଲେ । ବିଚାରଣ ନ୍ୟାୟାଳୟ ଆବେଦନକାରୀଙ୍କ ମକଦ୍ଦମାକୁ ବିଚାରାଦେଶ ଦେଇଥିଲେ ଏବଂ ରାମଚନ୍ଦ୍ର ମୁଦାଲିଆରଙ୍କ ମକଦ୍ଦମାକୁ ଖାରଜ କରିଥିଲେ ।ଏଥିରେ ଅସନ୍ତୁଷ୍ଟ ହୋଇ, ପ୍ରଥମ ଉତ୍ତରଦାତା ରାମଚନ୍ଦ୍ର ମୁଦାଲିୟାର ମାମଲାଟିକୁ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠଙ୍କ ନିକଟକୁ ଆବେଦନରେ ପଠାଇଥିଲେ, ଯିଏ ବିଚାରଣ ନ୍ୟାୟାଳୟର ବିଚାରାଦେଶକୁ ଓଲଟାଇଦେଇଥିଲେ, ଆବେଦନକାରୀଙ୍କ ମକଦ୍ଦମାକୁ ଖାରଜ କରିଥିଲେ ଏବଂ ଉତ୍ତରଦାତାଙ୍କ ମକଦ୍ଦମାର ବିଚାରାଦେଶ କରିଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା, ଶ୍ରୀ କେ.କେ. ମଣିଙ୍କ ଦ୍ୱାରା ଉଠାଯାଇଥିବା ମୁଖ୍ୟ ଯୁକ୍ତି ହେଉଛି ଯେହେତୁ ବିଚାରଣ ନ୍ୟାୟାଳୟ ଜାଣିଛନ୍ତି ଯେ ସମ୍ପତ୍ତିଗୁଡ଼ିକ ଯୌଥ ପରିବାରର ଏବଂ ଜୟରାମ ମୁଦାଲିଆର ଏବଂ ରାମଚନ୍ଦ୍ର ମୁଦାଲିଆର ବାଣିଜ୍ୟ କରୁଥିବା ପରିବାରର ସଦସ୍ୟ, ସମସ୍ତ ସମ୍ପତ୍ତିକୁ ଯୌଥ ପରିବାର ଭିତରୁ ଅଧିଗ୍ରହଣ କରାଯାଇଥିବା ପରି ମନେ କରାଯିବା ଆବ୍ୟଶକ । ଫଳସ୍ୱରୂପ, ଆବେଦନକାରୀ, ଜୟରାମ ମୁଦାଲିଆରଙ୍କ ପୁଅ ହୋଇଥିବାରୁ, ଯୌଥ ପରିବାର ସମ୍ପତ୍ତିରେ 1/4 ଅଂଶ ପାଇବା ପାଇଁ ହକଦାର । ଉଚ୍ଚ ନ୍ୟାୟାଳୟ ଏହି ଏକମାତ୍ର ତଥ୍ୟ ଉପରେ ଏହି ଯୁକ୍ତିକୁ ଅସ୍ୱୀକାର କରିଛନ୍ତି ଯେ 1947 ମସିହାରେ, ଅର୍ଥାତ୍ ଆବେଦନକାରୀଙ୍କ ଜନ୍ମ ପୂର୍ବରୁ, ତାଙ୍କ ପିତା ତାଙ୍କ ଭାଇ ରାମଚନ୍ଦ୍ର ମୁଦାଲିଆରଙ୍କ ସହିତ ଏକ ମତ ରଖିଥିଲେ ଯେ ସେମାନେ ଯୌଥ ପରିବାରର ସଦସ୍ୟ ନୁହଁନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ସ୍ୱାଧୀନ ଭାବରେ ବ୍ୟବସାୟ କରୁଥିଲେ ଏବଂ ତେଣୁ, ଆବେଦନକାରୀ ଯୌଥ ପରିବାରର ସଦସ୍ୟ କି, ଏହି ପ୍ରଶ୍ନକୁ ଯିବା ଅତ୍ୟନ୍ତ ବୃଥା ।

ଆମେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟ ସେହି ଉପସଂହାର ପହଞ୍ଚିବା ଯଥାର୍ଥ ଅଟେ ।ଆମେ ବୁଝିପାରିବା ଯେ ଯଦି ଆବେଦନକାରୀଙ୍କ ମାତା ରାଧା ଆମ୍ମାଲ ଏବଂ ଆବେଦନକାରୀଙ୍କ ପିତା ଜୟରାମ ମୁଦାଲିଆରଙ୍କ ମଧ୍ୟରେ ବିବାଦ ଉପୁଜିବା ପରେ, ତାଙ୍କ ଭାଇଙ୍କ ସହ ଏପରି ଏକ ଆପତ୍ତି ଗ୍ରହଣ କରାଯାଇଥିଲା, ତେବେ କିଛି କୁହାଯାଇପାରିବ । କିନ୍ତୁ ଆବେଦନକାରୀଙ୍କ ଜନ୍ମ ପୂର୍ବରୁ ମଧ୍ୟ, ଯୌଥ ପରିବାରର ସଦସ୍ୟ ନ ହେବାର ଯୁକ୍ତି ନିଆଯାଇଥିଲା । ଏହା ବିଶ୍ୱାସ କରିବା ଅତ୍ୟନ୍ତ କଷ୍ଟ ଯେ ଆବେଦନକାରୀ କିମ୍ବା ଶାନମୁଗା ମୁଦାଲିଆରଙ୍କ ଅଧିକାରକୁ ବିଫଳ କରିବା ପାଇଁ ଆପତ୍ତି ଉଠାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି, ଅଧିକ ପ୍ରଶ୍ନ ଭିତରକୁ ଯିବାର ଆବଶ୍ୟକତା ନାହିଁ ।

ତଥାପି, ମକଦ୍ଦମାରେ ସମ୍ପତ୍ତିର ବିଷୟ 3 ଏବଂ 4 କୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯୌଥ ପରିବାରର ବୋଲି ସମର୍ଥନ କରିଛନ୍ତି । ଆବେଦନକାରୀ ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଏକ ଅଂଶ ପାଇଁ ହକଦାର ହେବେ । ଏହି ନିଷିଦ୍ଧାଦେଶ ସେହି ଦୃଷ୍ଟିରୁ କାର୍ଯ୍ୟକାରୀ ହୁଏ ନାହିଁ ।

ତଦନୁସାରେ ଆବେଦନଗୁଡ଼ିକ ଖାରଜ ହୋଇଥାଏ । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।